# ମାଦଳା ପାଞ୍ଜି

ସଂପାଦନା

ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି



# ମାଦଳାପାଞ୍ଜି

ସଂପାଦନା

ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର-୧୪

# କେଶରୀବଂଶ ରାଜାମାନଙ୍କ ରାଜତ୍ୱକାଳ

| | | |
|---|---|---|
| ଯଯାତି - | ୧ମ ପାଞ୍ଜି ମତେ | ୫୭ ବର୍ଷ |
| | ୨ୟ " " | ୬୮ ବର୍ଷ |
| | ୩ୟ " " | ୫୨ ବର୍ଷ ୪୪୮ ଶକାବ୍ଦ ପର୍ଯ୍ୟନ୍ତ |
| ସୂର୍ଯ୍ୟ - | ୧ମ " " | ୩୦ ବର୍ଷ |
| | ୨ୟ " " | ୨୬ ବର୍ଷ |
| | ୩ୟ " " | ୫୭ ବର୍ଷ ୫୦୫ ଶକାବ୍ଦ ପର୍ଯ୍ୟନ୍ତ |
| ଅନନ୍ତ - | ୧ମ " " | ୧୪ ବର୍ଷ |
| | ୨ୟ " " | ୨୪ ବର୍ଷ |
| | ୩ୟ " " | ୪୦ ବର୍ଷ ୫୪୫ ଶକାବ୍ଦ ପର୍ଯ୍ୟନ୍ତ |
| ଲଲାଟ - | ୧ମ " " | ୪୦ ବର୍ଷ |
| | ୨ୟ " " | ୪୦ ବର୍ଷ |
| | ୩ୟ " " | ୫୪ ବର୍ଷ ୫୯୯ ଶକାବ୍ଦ ପର୍ଯ୍ୟନ୍ତ |
| କନକ - | ୧ମ " " | ୨୪ ବର୍ଷ |
| | ୨ୟ " " | ୧୭ ବର୍ଷ |
| | ୩ୟ " " | ୧୬ ବର୍ଷ ୬୧୫ ଶକାବ୍ଦ ପର୍ଯ୍ୟନ୍ତ |
| ନଭ - | ୧ମ " " | ୧୩ ବର୍ଷ |
| | ୨ୟ " " | ୧୮ ବର୍ଷ |
| ଅନନ୍ତ - | ୩ୟ " " | ୮ ବର୍ଷ ୬୨୩ ଶକାବ୍ଦ ପର୍ଯ୍ୟନ୍ତ ନଭଙ୍କ ସ୍ଥାନ[illegible] |
| ଗଙ୍ଗ - | ୧ମ " " | ୨୫ ବର୍ଷ |

| | | |
|---|---|---|
| ପଦ୍ମ - | ୨ୟ " " | ୧୯ ବର୍ଷ ଗଙ୍ଗଙ୍କ ସ୍ଥାନରେ |
| | ୩ୟ " " | ୫ ବର୍ଷ ୬୨୮ ଶକାବ୍ଦ ପର୍ଯ୍ୟନ୍ତ |
| ବୁଦ୍ଧ - | ୧ମ " " | ୪୦ ବର୍ଷ |
| | ୩ୟ " " | ୯ ବର୍ଷ ୬୩୭ ଶକାବ୍ଦ ପର୍ଯ୍ୟନ୍ତ |
| ଧ୍ରୁବ - | ୨ୟ ପାଞ୍ଜି ମତେ - | |
| ବଟ - | ୧ମ ପାଞ୍ଜି ମତେ ୨୬ ବର୍ଷ | |
| | ୨ୟ " " | ୧୫ ବର୍ଷ |
| | ୩ୟ " " | ୧୧ ବର୍ଷ ୬୪୮ ଶକାବ୍ଦ ପର୍ଯ୍ୟନ୍ତ |
| ଗଜ - | ୧ମ ପାଞ୍ଜି ମତେ ୨୫ ବର୍ଷ | |
| | ୩ୟ " " | ୧୨ ବର୍ଷ ୬୬୦ ଶକାବ୍ଦ ପର୍ଯ୍ୟନ୍ତ |
| ରାଜ - | ୨ୟ ପାଞ୍ଜି ମତେ - | |
| ବସନ୍ତ - | ୧ମ " " | ୨ ବର୍ଷ ୭ ମାସ |
| | ୩ୟ " " | ୨ ବର୍ଷ ୬୬୨ ଶକାବ୍ଦ ପର୍ଯ୍ୟନ୍ତ |
| ଗନ୍ଧର୍ବ - | ୧ମ " " | ୧୭ ବର୍ଷ ୭ ମାସ ୯ ଦିନ |
| | ୩ୟ " " | ୧୪ ବର୍ଷ ୬୭୬ ଶକାବ୍ଦ ପର୍ଯ୍ୟନ୍ତ |
| ଜନ୍ମେଜୟ - | ୧ମ " " | ୧୪ ବର୍ଷ |
| | ୩ୟ " " | ୯ ବର୍ଷ ୬୮୫ ବର୍ଷ |
| କୃଷ୍ଣ - | ୨ୟ " " | ଭରତଙ୍କ ପୂର୍ବେ |
| ଗଣ - | ୨ୟ " " | ୮ ବର୍ଷ |
| ଭରତ - | ୧ମ " " | ୨୫ ବର୍ଷ ୬ ମାସ ୨ ଦିନ |
| | ୨ୟ " " | ୧୫ ବର୍ଷ |
| | ୩ୟ " " | ୧୫ ବର୍ଷ ୭୦୦ ଶକାବ୍ଦ ପର୍ଯ୍ୟନ୍ତ |
| କବି - | ୧ମ " " | ୨୭ ବର୍ଷ ୧୦ ମାସ ୧ ଦିନ |
| | ୨ୟ " " | ୧୨ ବର୍ଷ |
| | ୩ୟ " " | ୧୪ ବର୍ଷ ୬୧୪ ଶକାବ୍ଦ ପର୍ଯ୍ୟନ୍ତ |
| କାମ - | ୧ମ " " | ୨୪ ବର୍ଷ ୮ ମାସ ୨ ଦିନ |
| | ୨ୟ " " | ୧୬ ବର୍ଷ |

| | | | |
|---|---|---|---|
| | ୩ୟ " | " | ୧୯ ବର୍ଷ ୭୩୩ ଶକାବ୍ଦ ପର୍ଯ୍ୟନ୍ତ |
| କୋଶଳ - | ୧ମ " | " | ୨୫ ବର୍ଷ ୨ ଦିନ |
| | ୨ୟ " | " | - |
| | ୩ୟ " | " | ୧୮ ବର୍ଷ ୭୫୧ ଶକାବ୍ଦ ପର୍ଯ୍ୟନ୍ତ |
| ଚଣ୍ଡ - | ୧ମ ପାଞ୍ଜି | ମତେ | ୧୭ ବର୍ଷ ୬ ମାସ ୮ ଦିନ |
| | ୨ୟ " | " | ୧୭ ବର୍ଷ |
| | ୩ୟ " | " | ୧୭ ବର୍ଷ ୭୬୮ ଶକାବ୍ଦ ପର୍ଯ୍ୟନ୍ତ |
| ପ୍ରଚଣ୍ଡ - | ୧ମ ପାଞ୍ଜି | ମତେ | ୧୫ ବର୍ଷ ୨ ମାସ ୭ ଦିନ |
| | ୨ୟ " | " | ୧୫ ବର୍ଷ |
| | ୩ୟ " | " | ୧୯ ବର୍ଷ ୭୮୭ ଶକାବ୍ଦ ପର୍ଯ୍ୟନ୍ତ |
| ଧ୍ରୁବ ବା ଧ୍ରୁମ - | ୧ମ " | " | ୨୨ ବର୍ଷ ୬ ମାସ ୪ ଦିନ |
| | ୨ୟ " | " | ୨୨ ବର୍ଷ |
| ଅମୃତ - | ୩ୟ " | " | ୧୦ ବର୍ଷ ୭୯୭ ଶକାବ୍ଦ ପର୍ଯ୍ୟନ୍ତ |
| ବିଜୟ - | ୧ମ " | " | ୨୨ ବର୍ଷ ୩ ମାସ ୧୮ ଦିନ |
| | ୨ୟ " | " | ୧୦ ବର୍ଷ |
| | ୩ୟ " | " | ୧୫ ବର୍ଷ ୮୧୨ ଶକାବ୍ଦ ପର୍ଯ୍ୟନ୍ତ |
| ଚଣ୍ଡପାଳ - | ୧ମ " | " | ୧୮ ବର୍ଷ ୩ ମାସ ୨ ଦିନ |
| | ୨ୟ " | " | ୧୨ ବର୍ଷ |
| | ୩ୟ " | " | ୧୪ ବର୍ଷ ୮୨୬ ଶକାବ୍ଦ ପର୍ଯ୍ୟନ୍ତ |
| ମଧୁସୂଦନ - | ୧ମ " | " | ୧୨ ବର୍ଷ ୪ ମାସ ୬ ଦିନ |
| | ୨ୟ " | " | ୧୦ ବର୍ଷ |
| | ୩ୟ " | " | ୧୬ ବର୍ଷ ୮୪୨ ଶକାବ୍ଦ ପର୍ଯ୍ୟନ୍ତ |
| ଧର୍ମ - | ୧ମ " | " | ୨୭ ବର୍ଷ ୭ ମାସ ୭ ଦିନ |
| | ୨ୟ " | " | ୧୯ ବର୍ଷ |
| ଭୌମ - | ୩ୟ " | " | ୧୦ ବର୍ଷ ୮୫୨ ଶକାବ୍ଦ ପର୍ଯ୍ୟନ୍ତ |
| ଜୟ - | ୧ମ " | " | ୩୦ ବର୍ଷ ୩ ମାସ ୩ ଦିନ |
| | ୨ୟ " | " | ୭ ବର୍ଷ |

| | | | | |
|---|---|---|---|---|
| | ୩ୟ | " | " | ୧୧ ବର୍ଷ ୮୬୩ ଶକାବ୍ଦ ପର୍ଯ୍ୟନ୍ତ |
| ନୃପ - | ୧ମ | " | " | ୧୯ ବର୍ଷ ୭ ମାସ ୧୨ ଦିନ |
| | ୨ୟ | " | " | ୧୪ ବର୍ଷ |
| | ୩ୟ | " | " | ୧୨ ବର୍ଷ ୮୭୫ ଶକାବ୍ଦ ପର୍ଯ୍ୟନ୍ତ |
| ମକର ବା ମର୍କତ- | ୧ମ | " | " | ୫ ବର୍ଷ ୨ ମାସ ୧୪ ଦିନ |
| | ୨ୟ | " | " | ୬ ବର୍ଷ |
| | ୩ୟ | " | " | ୧୪ ବର୍ଷ ୮୮୯ ଶକାବ୍ଦ ପର୍ଯ୍ୟନ୍ତ |
| ତ୍ରିପୁର - | ୧ମ | " | " | ୧୮ ବର୍ଷ ୩ ମାସ ୩ ଦିନ |
| | ୩ୟ | " | " | ୧୦ ବର୍ଷ ୮୯୯ ଶକାବ୍ଦ ପର୍ଯ୍ୟନ୍ତ |
| ଘଟ - | ୨ୟ | " | " | ମର୍କତ କେଶରୀଙ୍କ ପରେ |
| ମାଧବ - | ୧ମ | " | " | ୧୪ ବର୍ଷ ୮ ମାସ ୧୨ ଦିନ |
| | ୩ୟ | " | " | ୧୨ ବର୍ଷ ୯୧୧ ଶକାବ୍ଦ ପର୍ଯ୍ୟନ୍ତ |
| ମଦନ - | ୨ୟ | " | " | ତ୍ରିପୁର ଓ ମାଧବଙ୍କ ସ୍ଥାନରେ |
| ଗୋବିନ୍ଦ - | ୧ମ | " | " | ୮ ବର୍ଷ ୯ ମାସ ୧୮ ଦିନ |
| | ୨ୟ | " | " | ୭ ବର୍ଷ |
| | ୩ୟ | " | " | ୧୦ ବର୍ଷ ୯୨୧ ଶକାବ୍ଦ ପର୍ଯ୍ୟନ୍ତ |
| ନୃତ୍ୟ - | ୧ମ | " | " | ୧୪ ବର୍ଷ ୨ ମାସ ୧୫ ଦିନ |
| | ୩ୟ | " | " | ୧୪ ବର୍ଷ ୯୩୫ ଶକାବ୍ଦ ପର୍ଯ୍ୟନ୍ତ |
| ଅନଙ୍ଗ - | ୨ୟ | " | " | ୬ ବର୍ଷ ଗୋବିନ୍ଦଙ୍କ ପରେ |
| ନରସିଂହ - | ୧ମ | " | " | ୧୨ ବର୍ଷ ୬ ମାସ ୧୮ ଦିନ |
| | ୨ୟ | " | " | - |
| | ୩ୟ | " | " | ୧୧ ବର୍ଷ ୯୪୬ ଶକାବ୍ଦ ପର୍ଯ୍ୟନ୍ତ |
| କୂର୍ମ - | ୧ମ | " | " | ୧୮ ବର୍ଷ ୪ ମାସ ୧୮ ଦିନ |
| | ୩ୟ | " | " | ୧୦ ବର୍ଷ ୯୫୬ ଶକାବ୍ଦ ପର୍ଯ୍ୟନ୍ତ |
| ରାମ - | ୨ୟ | " | " | ୬ ବର୍ଷ ନରସିଂହଙ୍କ ପରେ |
| ଗୋକର୍ଣ୍ଣ - | ୧ମ | " | " | ୧୫ ବର୍ଷ ରାମଙ୍କ ପରେ ମଚ୍ଛଙ୍କ ପୂର୍ବେ |
| ମଚ୍ଛ - | ୧ମ | " | " | ୧୭ ବର୍ଷ ୯ ମାସ ୨୩ ଦିନ |

| | | | |
|---|---|---|---|
| | ୨ୟ " | " | ୮ ବର୍ଷ ଗୋକର୍ଣ୍ଣଙ୍କ ପରେ ବରାହଙ୍କ ପରେ |
| | ୩ୟ " | " | ୧୬ ବର୍ଷ ୯୭୨ ଶକାବ୍ଦ ପର୍ଯ୍ୟନ୍ତ |
| ବରାହ - | ୧ମ " | " | ୨୧ ବର୍ଷ ୮ ମାସ ୧୪ ଦିନ |
| | ୨ୟ " | " | ୧୪ ବର୍ଷ |
| | ୩ୟ " | " | ୧୫ ବର୍ଷ ୯୮୭ ଶକାବ୍ଦ ପର୍ଯ୍ୟନ୍ତ |
| ବାମନ - | ୧ମ " | " | ୧୩ ବର୍ଷ ୨ ମାସ ୧୭ ଦିନ |
| | ୨ୟ " | " | ୧୩ ବର୍ଷ ୧୦୦୦ ଶକାବ୍ଦ ପର୍ଯ୍ୟନ୍ତ |
| ଗାଜ - | ୨ୟ ପାଞ୍ଜି | ମତେ | ୧୭ ବର୍ଷ ବରାହଙ୍କ ପରେ ଚନ୍ଦ୍ରଙ୍କ ପୂର୍ବେ |
| ପରଶୁ - | ୧ମ " | " | ୨ ବର୍ଷ ୩ ମାସ ୧୧ ଦିନ |
| | ୩ୟ " | " | ୨ ବର୍ଷ ୧୦୦୨ ଶକାବ୍ଦ ପର୍ଯ୍ୟନ୍ତ |
| ଚନ୍ଦ୍ର - | ୧ମ " | " | ୧୫ ବର୍ଷ ୮ ମାସ |
| | ୨ୟ " | " | ୬ ବର୍ଷ ଗାଜଙ୍କ ପରେ |
| | ୩ୟ " | " | ୧୨ ବର୍ଷ ୧୦୧୪ ଶକାବ୍ଦ ପର୍ଯ୍ୟନ୍ତ |
| ସୁଜନ - | ୧ମ " | " | ୮ ବର୍ଷ ୧୦ ମାସ |
| | ୩ୟ " | " | ୭ ବର୍ଷ ୧୦୨୧ ଶକାବ୍ଦ ପର୍ଯ୍ୟନ୍ତ |
| ଯଦୁ - | ୨ୟ " | " | ୮ ବର୍ଷ ଚନ୍ଦ୍ରଙ୍କ ପରେ |
| ମାଳତୀ - | ୧ମ " | " | ୯ ବର୍ଷ ୮ ମାସ ୧୦ ଦିନ |
| | ୩ୟ " | " | ୫ ବର୍ଷ ୧୦୨୬ ଶକାବ୍ଦ ପର୍ଯ୍ୟନ୍ତ |
| ଭୁବନ - | ୨ୟ " | " | ଯଦୁଙ୍କ ପରେ |
| ପୁରଞ୍ଜୟ - | ୧ମ " | " | ୩ ବର୍ଷ ୯ ମାସ ୫ ଦିନ |
| | ୩ୟ " | " | ୩ ବର୍ଷ ୧୦୨୯ ଶକାବ୍ଦ ପର୍ଯ୍ୟନ୍ତ |
| ଭୀମ - | ୨ୟ " | " | ୮ ବର୍ଷ ଭୁବନଙ୍କ ପରେ |
| ବସୁକଳ୍ପ - | ୧ମ " | " | ୧୨ ବର୍ଷ ୭ ମାସ ୧୯ ଦିନ |
| | ୩ୟ " | " | ୧୨ ବର୍ଷ ୧୦୪୧ ଶକାବ୍ଦ ପର୍ଯ୍ୟନ୍ତ |
| ଲକ୍ଷ୍ମଣ - | ୨ୟ " | " | ୭ ବର୍ଷ ଭୀମଙ୍କ ପରେ |
| ଇନ୍ଦ୍ର - | ୧ମ " | " | ୩ ବର୍ଷ ୨ ମାସ ୫ ଦିନ |
| | ୩ୟ " | " | ୪ ବର୍ଷ ୧୦୪୫ ଶକାବ୍ଦ ପର୍ଯ୍ୟନ୍ତ |

| | | | |
|---|---|---|---|
| ଘଟ - | ୨ୟ " | " | ୫ ବର୍ଷ ଲକ୍ଷ୍ମଣଙ୍କ ପରେ |
| ଧ୍ରୁବ - | ୨ୟ " | " | ୨ ବର୍ଷ ଘଟଙ୍କ ପରେ |
| ବସନ୍ତ - | ୨ୟ " | " | ୨ ବର୍ଷ |
| ଶୂନ୍ୟ - | ୧ମ " | " | ୩ ବର୍ଷ ୨ ମାସ ୧୧ ଦିନ |
| | ୩ୟ " | " | ୯ ବର୍ଷ ୧୦୫୪ ଶକାବ୍ଦ ପର୍ଯ୍ୟନ୍ତ |

ଘଘ

# ଗଙ୍ଗବଂଶ ରାଜାମାନଙ୍କ ରାଜତ୍ୱକାଳ

| | | |
|---|---|---|
| ଚୂଡ଼ଗଙ୍ଗ ଦେବ - | ୧ମ ପାଞ୍ଜି ମତେ | ୬୨ ବର୍ଷ ୨ ମାସ ୨ ଦିନ |
| | ୨ୟ " " | ୨୪ ବର୍ଷ |
| | ୩ୟ " " | ୨୦ ବର୍ଷ ୧୦୭୪ ଶକାବ୍ଦ ପର୍ଯ୍ୟନ୍ତ |
| ଗଙ୍ଗେଶ୍ୱର ଦେବ - | ୧ମ " " | ୯ ବର୍ଷ |
| | ୨ୟ " " | ୧୨ ବର୍ଷ |
| | ୩ୟ " " | ୧୪ ବର୍ଷ ୧୦୮୮ ଶକାବ୍ଦ ପର୍ଯ୍ୟନ୍ତ |
| ଏକଜଟା କାମଦେବ - | ୧ମ " " | ୭ ବର୍ଷ |
| | ୨ୟ " " | ୧୨ ବର୍ଷ |
| | ୩ୟ " " | ୫ ବର୍ଷ ୧୦୯୩ ଶକାବ୍ଦ ପର୍ଯ୍ୟନ୍ତ |
| ମଦନ ମହାଦେବ - | ୧ମ " " | ୧୫ ବର୍ଷ |
| | ୨ୟ " " | ୨୬ ବର୍ଷ (ରାଜରାଜେଶ୍ୱର ନାମରେ |
| | ୩ୟ " " | ୪ ବର୍ଷ ୧୦୯୭ ଶକାବ୍ଦ ପର୍ଯ୍ୟନ୍ତ |
| ଅନଙ୍ଗଭୀମ ଦେବ - | ୧ମ " " | ୨୭ ବର୍ଷ |
| | ୨ୟ " " | ୨୭ ବର୍ଷ |
| | ୩ୟ " " | ୨୭ ବର୍ଷ ୧୧୨୪ ଶକାବ୍ଦ ପର୍ଯ୍ୟନ୍ତ |
| ରାଜରାଜେଶ୍ୱର ଦେବ - | ୧ମ " " | ୧୦ ବର୍ଷ |
| | ୩ୟ " " | ୩୫ ବର୍ଷ ୧୧୫୯ ଶକାବ୍ଦ ପର୍ଯ୍ୟନ୍ତ |
| ଭୀମସେନ ଦେବ - | ୨ୟ " " | ୨୫ ବର୍ଷ |
| ଲାଙ୍ଗୁଳା ନରସିଂହଦେବ - | ୧ମ " " | ୨୬ ବର୍ଷ |
| | ୨ୟ " " | ୧୮ ବର୍ଷ |
| | ୩ୟ " " | ୪୫ ବର୍ଷ ୧୨୦୪ ଶକାବ୍ଦ ପର୍ଯ୍ୟନ୍ତ |

| | | |
|---|---|---|
| କବି ନରସିଂହ ଦେବ - | ୧ମ " " | ୨୫ ବର୍ଷ |
| | ୩ୟ " " | ୨୫ ବର୍ଷ ୧୨୨୯ ଶକାବ୍ଦ ପର୍ଯ୍ୟନ୍ତ |
| ବୀର ନରସିଂହ ଦେବ - | ୨ୟ " " | ୨୫ ବର୍ଷ |
| ପ୍ରତାପ ନରସିଂହ ଦେବ - | ୧ମ ପାଞ୍ଜି ମତେ | ୩୧ ବର୍ଷ ୧ ମାସ |
| | ୨ୟ " " | - |
| | ୩ୟ " " | ୨୦ ବର୍ଷ ୧୨୪୯ ଶକାବ୍ଦ ପର୍ଯ୍ୟନ୍ତ |
| ବୀରଖରକାଳ ନରସିଂହଦେବ - | | ୧ମ " " ୧ ବର୍ଷ ୧ ମାସ |
| କବିକାନ୍ତ ନରସିଂହ ଦେବ - | ୩ୟ " " | ୨ ବର୍ଷ ପ୍ରତାପ ନରସିଂହଙ୍କ ପରେ ୧୨୫୧ ଶକାବ୍ଦ ପର୍ଯ୍ୟନ୍ତ |
| କବିକାନ୍ତ ଦେବ - | ୨ୟ " " | ୯ ବର୍ଷ |
| କଜଳା ନରସିଂହ ଦେବ - | ୧ମ " " | ୧ ମାସ ୧୩ ଦିନ ବୀର ଖରକାଳ ନରସିଂହଙ୍କ ପରେ |
| | ୩ୟ " " | ୧ ବର୍ଷ ୧୨୫୨ ଶକାବ୍ଦ ପର୍ଯ୍ୟନ୍ତ |
| ସଖି ନରସିଂହ ଦେବ - | ୨ୟ " " | କବିକାନ୍ତ ନରସିଂହଙ୍କ ପରେ |
| ଶଙ୍ଖଭାଣ୍ଡ ନରସିଂହ ଦେବ - | ୧ମ " " | ୨୭ ବର୍ଷ କଜଳା ନରସିଂହଙ୍କ ପରେ |
| | ୨ୟ " " | ସଖି ନରସିଂହଙ୍କ ପରେ |
| | ୩ୟ " " | ୭ ବର୍ଷ କଜଳା ନରସିଂହଙ୍କ ପରେ ୧୨୫୯ ଶକାବ୍ଦ ପର୍ଯ୍ୟନ୍ତ |
| ନିଶଙ୍କ ଭାନୁ ଦେବ - | ୧ମ ଓ ୨ୟ ପାଞ୍ଜି ମତେ | ୧୬ ବର୍ଷ |
| | ୩ୟ ପାଞ୍ଜି ମତେ | ୨୪ ବର୍ଷ ୧୨୮୩ ଶକାବ୍ଦ ପର୍ଯ୍ୟନ୍ତ |
| ବଳୀଭାନୁ ଦେବ - | ୧ମ " " | ୨୬ ବର୍ଷ |
| | ୨ୟ " " | - |
| | ୩ୟ " " | ୨୧ ବର୍ଷ ୧୩୦୪ ଶକାବ୍ଦ ପର୍ଯ୍ୟନ୍ତ |
| ବୀରଭାନୁ ଦେବ - | ୧ମ " " | ୨ ବର୍ଷ ୪ ମାସ ୯ ଦିନ |
| | ୨ୟ " " | ୧୨ ବର୍ଷ |
| | ୩ୟ " " | ୧୯ ବର୍ଷ ୧୩୨୩ ଶକାବ୍ଦ ପର୍ଯ୍ୟନ୍ତ |
| କଳିଭାନୁ ଦେବ - | ୧ମ " " | ୧୪ ବର୍ଷ |

| | | |
|---|---|---|
| | ୨ୟ ” ” | ୧୦ ବର୍ଷ |
| | ୩ୟ ” ” | ୧୩ ବର୍ଷ ୧୩୩୬ ଶକାବ୍ଦ ପର୍ଯ୍ୟନ୍ତ |
| ଅକଟାଅବଟାଭାନୁ ଦେବ - | ୧ମ ” ” | ୧୪ ବର୍ଷ |
| | ୨ୟ ” ” | ୩୦ ବର୍ଷ ମତ୍ତଭାନୁଙ୍କ ପରେ |
| | ୩ୟ ” ” | ୧୫ ବର୍ଷ ୧୩୫୧ ଶକାବ୍ଦ ପର୍ଯ୍ୟନ୍ତ |
| ମତ୍ତଭାନୁ ଦେବ - | ୧ମ ” ” | ୨୩ ବର୍ଷ ୬ ମାସ |
| | ୨ୟ ” ” | ୧୪ ବର୍ଷ କଳିଭାନୁଙ୍କ ପରେ |
| | ୩ୟ ” ” | ୨୩ ବର୍ଷ ୧୩୭୪ ଶକାବ୍ଦ ପର୍ଯ୍ୟନ୍ତ |
| କପିଳେନ୍ଦ୍ର ଦେବ - | ୧ମ ” ” | ୩୨ ବର୍ଷ |
| | ୩ୟ ” ” | ୨୭ ବର୍ଷ ୧୪୦୧ ଶକାବ୍ଦ ପର୍ଯ୍ୟନ୍ତ |
| ପୁରୁଷୋତ୍ତମ ଦେବ - | ୧ମ ” ” | ୩୦ ବର୍ଷ ୧ ମାସ |
| | ୨ୟ ” ” | ୨୫ ବର୍ଷ |
| | ୩ୟ ” ” | ୨୫ ବର୍ଷ ୧୪୨୬ ଶକାବ୍ଦ ପର୍ଯ୍ୟନ୍ତ |
| ପ୍ରତାପରୁଦ୍ର ଦେବ - | ୧ମ ” ” | ୩୬ ବର୍ଷ ୬ ମାସ |
| | ୨ୟ ” ” | ୨୮ ବର୍ଷ |
| | ୩ୟ ” ” | ୨୮ ବର୍ଷ ୧୪୫୪ ଶକାବ୍ଦ ପର୍ଯ୍ୟନ୍ତ |
| କାଳୁଆ ଦେବ - | ୧ମ ” ” | ୧ ବର୍ଷ ୫ ମାସ ୩ ଦିନ |
| | ୨ୟ ” ” | - |
| | ୩ୟ ” ” | ୧ ବର୍ଷ ୧୪୫୫ ଶକାବ୍ଦ ପର୍ଯ୍ୟନ୍ତ |
| କଖାରୁଆପ୍ରତାପ ଦେବ - | ୧ମ ” ” | ୩ ମାସ |
| | ୩ୟ ” ” | ୧ ବର୍ଷ ୧୪୫୬ ଶକାବ୍ଦ ପର୍ଯ୍ୟନ୍ତ |
| ଗୋବିନ୍ଦ ବିଦ୍ୟାଧର - | ୧ମ ଓ ୨ୟ ପାଞ୍ଜି ମତେ | ୧୧ ବର୍ଷ ୭ ମାସ |
| | ୩ୟ ପାଞ୍ଜି ମତେ | ୭ ବର୍ଷ ୧୪୬୩ ଶକାବ୍ଦ ପର୍ଯ୍ୟନ୍ତ |
| ଚକ୍ରପ୍ରତାପ ଦେବ - | ୧ମ ଓ ୨ୟ ପାଞ୍ଜି ମତେ | ୧୨ ବର୍ଷ ୬ ମାସ |
| | ୩ୟ ପାଞ୍ଜି ମତେ | ୮ ବର୍ଷ ୧୪୭୧ ଶକାବ୍ଦ ପର୍ଯ୍ୟନ୍ତ |
| ନରସିଂହ ଜେନା - | ୧ମ ” ” | ୧ ବର୍ଷ ୨ ମାସ ୧୨ ଦିନ |
| | ୩ୟ ” ” | ୧ ବର୍ଷ ୧୪୭୨ ଶକାବ୍ଦ ପର୍ଯ୍ୟନ୍ତ |

| | | | |
|---|---|---|---|
| ରଘୁରାମ ଛୋଟରାଏ - | ୧ମ " | " | ୨ ବର୍ଷ ୧୦ ମାସ |
| | ୩ୟ " | " | ୧ ବର୍ଷ ୧୪୭୩ ଶକାବ୍ଦ ପର୍ଯ୍ୟନ୍ତ |
| ମୁକୁନ୍ଦ ଦେବ - | ୧ମ ପାଞ୍ଜି ମତେ | | ୮ ବର୍ଷ ୫ ମାସ |
| | ୩ୟ " | " | ୮ ବର୍ଷ ୧୪୮୧ ଶକାବ୍ଦ ପର୍ଯ୍ୟନ୍ତ |
| ରଘୁଭଂଶ ଛୋଟରାୟ - | ୧ମ " | " | ୯ ବର୍ଷ ୩ ମାସ ୨୬ ଦିନ |
| ଗଉଡ଼ିଆ ଗୋବିନ୍ଦ ଦେବ - | ୩ୟ " | " | ୨ ବର୍ଷ ୧୪୮୩ ଶକାବ୍ଦ ପର୍ଯ୍ୟନ୍ତ |
| ଅରାଜକତା - | ୩ୟ " | " | ୧୯ ବର୍ଷ ୧୫୦୨ ଶକାବ୍ଦ ପର୍ଯ୍ୟନ୍ତ |

□□

# ଭୋଇବଂଶ ରାଜାମାନଙ୍କ ରାଜତ୍ୱକାଳ

| | | |
|---|---|---|
| ରାମଚନ୍ଦ୍ର ଦେବ - | ୧ମ ପାଞ୍ଜି ମତେ | ୩୨ ବର୍ଷ |
| | ୩ୟ " " | ୨୯ ବର୍ଷ ୧୫୩୧ ଶକାବ୍ଦ ପର୍ଯ୍ୟନ୍ତ |
| ପୁରୁଷୋତ୍ତମ ଦେବ - | ୧ମ " " | ୨୨ ବର୍ଷ |
| | ୩ୟ " " | ୨୧ ବର୍ଷ ୧୫୫୨ ଶକାବ୍ଦ ପର୍ଯ୍ୟନ୍ତ |
| ନରସିଂହ ଦେବ - | ୧ମ " " | ୨୬ ବର୍ଷ |
| | ୩ୟ " " | ୨୫ ବର୍ଷ ୧୫୭୭ ଶକାବ୍ଦ ପର୍ଯ୍ୟନ୍ତ |
| ଗଙ୍ଗାଧର ଦେବ - | ୧ମ " " | ୩ ମାସ ୨୧ ଦିନ |
| | ୩ୟ " " | ୧ ବର୍ଷ ୧୫୭୮ ଶକାବ୍ଦ ପର୍ଯ୍ୟନ୍ତ |
| ବଳଭଦ୍ର ଦେବ - | ୧ମ " " | ୯ ବର୍ଷ |
| | ୩ୟ " " | ୮ ବର୍ଷ ୧୫୮୬ ଶକାବ୍ଦ ପର୍ଯ୍ୟନ୍ତ |
| ମୁକୁନ୍ଦ ଦେବ - | ୧ମ " " | ୩୩ ବର୍ଷ ୧୦ ମାସ |
| | ୩ୟ " " | ୨୮ ବର୍ଷ ୧୬୧୪ ଶକାବ୍ଦ ପର୍ଯ୍ୟନ୍ତ |
| ଦିବ୍ୟସିଂହ ଦେବ - | ୧ମ " " | ୨୭ ବର୍ଷ ୫ ମାସ ୧୧ ଦିନ |
| | ୩ୟ " " | ୨୩ ବର୍ଷ ୧୬୩୭ ଶକାବ୍ଦ ପର୍ଯ୍ୟନ୍ତ |
| ହରେକୃଷ୍ଣ ଦେବ - | ୧ମ " " | ୪ ବର୍ଷ ୧୦ ମାସ ୨୦ ଦିନ |
| | ୩ୟ " " | ୫ ବର୍ଷ ୧୬୪୨ ଶକାବ୍ଦ ପର୍ଯ୍ୟନ୍ତ |
| ଗୋପୀନାଥ ଦେବ - | ୧ମ " " | ୬ ବର୍ଷ ୧୦ ମାସ ୮ ଦିନ |
| | ୩ୟ " " | ୭ ବର୍ଷ ୧୬୪୯ ଶକାବ୍ଦ ପର୍ଯ୍ୟନ୍ତ |
| ରାମଚନ୍ଦ୍ର ଦେବ - | ୧ମ " " | ୧୦ ବର୍ଷ ୭ ମାସ ୧୮ ଦିନ |
| | ୩ୟ " " | ୧୧ ବର୍ଷ ୧୬୬୦ ଶକାବ୍ଦ ପର୍ଯ୍ୟନ୍ତ |
| ବୀରକେଶରୀ ଦେବ - | ୧ମ " " | ୪୩ ବର୍ଷ |
| | ୩ୟ " " | ୪୩ ବର୍ଷ ୧୭୦୩ ଶକାବ୍ଦ ପର୍ଯ୍ୟନ୍ତ |
| ଦିବ୍ୟସିଂହ ଦେବ - | ୧ମ " " | ୧୮ ବର୍ଷ ୧୭୨୧ ଶକାବ୍ଦ ପର୍ଯ୍ୟନ୍ତ |
| ମୁକୁନ୍ଦ ଦେବ - | ୧ମ ୨ୟ ଓ ୩ୟ ପାଞ୍ଜି ମତେ | ୧୯ ବର୍ଷ ୧୭୪୦ ଶକାବ୍ଦ ପର୍ଯ୍ୟନ୍ତ |
| ରାମଚନ୍ଦ୍ର ଦେବ- | ୧ମ ୨ୟ ଓ ୩ୟ " " | ୧୯ ବର୍ଷ ୧୭୪୩ ଶକାବ୍ଦ |

# ମାଦଳା ପାଞ୍ଜି

## ୧ ରାଜଭୋଗ-ଇତିହାସ

କୋଟିବ୍ରହ୍ମା-ପ୍ରଳୟ ଯେବେ ହୋଇ ତେବେ ହେଁ ଶ୍ରୀ ପୁରୁଷୋତ୍ତମ ନ ତେଜନ୍ତି ଦେବରାଏ । ବ୍ରହ୍ମାଙ୍କୁ ଦିବସକେ ବିଷ୍ଣୁ ଦ୍ୱାଦଶ ଅବତାର । ସଂସାର ଯେ ଭିଆଇଲେ ବେଦବର । ସତ୍ୟ, ତ୍ରେତୟା, ଦ୍ୱାପର, କଳି, ଏରୂପେ ଚାରି ଯୁଗରେ ଗଣ୍ଡାଏ ହୋଅଇ । ଏରୂପେ ସହସ୍ର ଗଣ୍ଡାରେ ବ୍ରହ୍ମାଙ୍କୁ ଦିବସେ ହୋଅଇ । ଏହି ଦିବସେ ପ୍ରମାଣେ ରାତ୍ର ହିଁ ହୋଅଇ । ତେବେ ସେ ନିଦ୍ରା ଯା'ନ୍ତି ବେଦପତି । ଏହି ଦିବସ ରାତ୍ରେ ତିରିଶ ଦିବସରେ ମାସେ ହୋଅଇ ।

ଜଳ ଦସଦିସ ଘୋଟଇ । ଏରୂପେ ଉତପତି ପ୍ରଳୟ ହୋଇଲେ ତହୁଁ ବିଷ୍ଣୁ ଅନନ୍ତ ଶଯ୍ୟାରେ ଶୋଇଲେ । ଦିବସେ ଯାଇ ଏ ବରଷରେ ସତ୍ୟଯୁଗ ବରଷ ୧୭୨୮୦୦୦ । ଏ ଯୁଗ ଭୋଗକଲେ ଛଅ ରାଜା । ଛଅ ରହି ଧର୍ମ ସାହାସ୍ର କରି ସତ୍ୟ ପ୍ରତିପାଳି ଭୋଗକଲେ ପ୍ରଥମେ ବଳୀ ରଜା ବ ୫୦୦,୦୦୦ । ବେଣୁ ରଜା ଭୋଗକଲେ ବ ୩୦୦,୦୦୦ । ଶିବ ରଜା ଭୋଗକଲେ ବ ୧୨୮,୦୦୦ । ମାନଧାତା ଭୋଗକଲେ ବ ୪୦୦,୦୦୦ । ପୁରୁରବା ଭୋଗକଲେ ବ ୨୦୦,୦୦୦ । ଜାନୁଘଣ୍ଟା ପର୍ଶୁରାମ ଭୋଗକଲେ ବ ୨୦୦,୦୦୦ । ଗାଏ ଛଅ ରାଜା ଭୋଗକଲେ ସତ୍ୟଯୁଗ ବରଷ ୧୭୨୮,୦୦୦ ।

ତ୍ରେତୟା ଯୁଗ ବରଷ ୧୨୯୬,୦୦୦- ଏ ଯୁଗ ଭୋଗ କଲେ ରଜା ୨୫ । ତ୍ରେତୟା ଯୁଗ । ପ୍ରଥମରେ ଏ ଯୁଗରେ ଭୋଗକଲେ ଅଷ୍ଟ ବ୍ରହ୍ମଦେବ । ଭୋଗକଲେ ବରଷ ୮୫୦୦୦ । ମଇତ୍ରଦେବ ଭୋଗକଲେ ବରଷ ୮୦,୦୦୦ । କସ୍ୟପଦେବ ଭୋଗକଲେ ବରଷ ୭୮,୦୦୦ । ଶ୍ରୀ ଦିଲ୍ଲୀପ ଦେବ ଭୋଗକଲେ ବରଷ ୬୮,୦୦୦ । ସୂର୍ଯ୍ୟଦେବ ଭୋଗକଲେ ବରଷ ୬୦,୦୦୦ । ଶ୍ରୀ ହରିଚନ୍ଦନ ରାଜା ଭୋଗକଲେ ବରଷ ୫୮,୦୦୦ । ଶ୍ରୀ ଗାନ୍ଧାରଦେବ ଭୋଗକଲେ ବରଷ ୫୪,୦୦୦ । ଶ୍ରୀ ହରିବେଣୁ ଦେବ ଭୋଗକଲେ ବରଷ ୬୦,୦୦୦ । ଯୁଗଦେବ ଭୋଗକଲେ ବରଷ ୫୭,୦୦୦ । ଅରଣ୍ୟଦେବ ଭୋଗକଲେ ବରଷ ୫୯,୦୦୦ । ବଳସୁନିଦେବ ଭୋଗକଲେ ୫୦,୦୦୦ । ସୁରେନ୍ଦ୍ରଦେବ ଭୋଗକଲେ ବରଷ ୫୨,୦୦୦ । ସତମନ୍ତଦେବ ଭୋଗକଲେ ବରଷ ୫୫,୦୦୦ । ପୃଥୁରାଜା

ଭୋଗକଲେ ବରଷ ୫୪,୦୦୦ । ଜୀବନ୍ୟାସ ଦେବ ଭୋଗକଲେ ବରଷ ୫୫,୦୦୦ । ଶ୍ରୀ ମାନଧାତା ଭୋଗକଲେ ବରଷ ୫୨,୦୦୦ । ସଗର ରାଜା ଭୋଗକଲେ ବ ୪୪,୦୦୦ । ଉତ୍ତପନ ରାଜା ଭୋଗକଲେ ବ ୫୩,୦୦୦ । ଭାଗୀରଥି ଭୋଗକଲେ ବ ୫୭,୦୦୦ । ତ୍ରିବଳୀଦେବ ଭୋଗକଲେ ବ ୪୮,୦୦୦ । ରଘୁଦେବ ଭୋଗକଲେ ବ ୫୦,୦୦୦ । ଅଜଦେବ ଭୋଗକଲେ ବ ୪୮,୦୦୦ । ଦଶରଥ ଭୋଗକଲେ ବ ୧୯୦୦୦ । ଶ୍ରୀ ରାମଦେବ ଭୋଗକଲେ ବ ୧୧,୦୦୦ । ଏ ରାଜା ସ୍ୱଦେହ ଘେନି ସ୍ୱର୍ଗକୁ ଗଲେ । ଏହାଙ୍କ କୁଶଦେବ ଭୋଗକଲେ ବ ୯,୦୦୦ । ଗାଏ ପଚିସି ରାଜାରେ ଭୋଗକଲେ ବ ୧୨୯୬,୦୦୦ ।

ଦ୍ୱାପରଯୁଗ ବରଷ ୮୬୪,୦୦୦ । ଏ ଯୁଗ ଭୋଗକଲେ ରାଜା ୩୦ । ପ୍ରସାଦ ଦେବ ଭୋଗକଲେ ବ ୫୦,୦୦୦ । ବେଣୁଦେବ ଭୋଗକଲେ ବ ୫୨,୦୦୦ । ନିରଞ୍ଜନ ଦେବ ଭୋଗକଲେ ବ ୩୫,୦୦୦ । ବ୍ରହ୍ମାନନ୍ଦ ଭୋଗକଲେ ବ ୩୦,୦୦୦ । ସୁରଥ ଦେବ ଭୋଗକଲେ ବ ୩୨,୦୦୦ । ମଣିଦେବ ଭୋଗକଲେ ବ ୩୪,୦୦୦ । ମେଦଦେବ ଭୋଗକଲେ ବ ୩୨,୦୦୦ । ଅନରଣ୍ୟଦେବ ଭୋଗକଲେ ବ ୩୩,୦୦୦ । ସିଦ୍ଧରାଜା ଭୋଗକଲେ ବ ୩୫,୦୦୦ । ବଇବସ୍ୱତ ମନୁ ଭୋଗକଲେ ବ ୩୩,୦୦୦ । ନଘୋସ ଭୋଗକଲେ ବ ୩୨,୦୦୦ । ଯୁଗଦେବ ଭୋଗକଲେ ବ ୩୦,୦୦୦ । ମନୁରାଜା ଭୋଗକଲେ ବ ୩୫,୦୦୦ । ଅତ୍ରି ରାଜା ଭୋଗକଲେ ବ ୩୨,୦୦୦ । ତ୍ରିପୁରଦେବ ଭୋଗକଲେ ବ ୩୭,୦୦୦ । ବୟଷ୍ମାନ୍ ରାଜା ଭୋଗକଲେ ବ ୨୮,୦୦୦ । ସରପଦେବ ଭୋଗଦେବ ବ ୩୫,୦୦୦ । ବଳିଦେବ ଭୋଗକଲେ ବ ୧୦,୦୦୦ । ଦୁଷ୍ମନ୍ତ ରାଜା ଭୋଗକଲେ ବ ୩୦,୦୦୦ । ଭରତ ରାଜା ଭୋଗକଲେ ବ ୨୮,୦୦୦ । ମନମଥ ରାଜା ଭୋଗକଲେ ବ ୧୩,୦୦୦ । ସରବ ରାଜା ଭୋଗକଲେ ବ ୧୧,୦୦୦ । ଭାସ୍କର ଦେବ ଭୋଗକଲେ ବ ୨୮,୦୦୦ । ବ୍ୟାଧିରାଜା ଭୋଗକଲେ ବ ୧୮,୦୦୦ । କଣ୍ଣ ରାଜା ଭୋଗକଲେ ବ ୩୨,୦୦୦ । ସାଏଁତନୁ ରାଜା ଭୋଗକଲେ ବ ୩୨,୦୦୦ । ବିଚିତ୍ରବୀର୍ଯ୍ୟ ଭୋଗକଲେ ବ ୨୨,୦୦୦ । ପାଣ୍ଡୁ ରାଜା ଭୋଗକଲେ ବ ୧୮,୦୦୦ । କୁଜେଷ୍ଠୀ ଦେବ, ଦୁର୍ଯ୍ୟୋଧନ ଭୋଗକଲେ ବ ୫୨,୦୦୦- ଗାଏ ତିରିଶ ରାଜାରେ ଭୋଗକଲେ ବ ୮୬୪,୦୦୦ ।

କଳିଯୁଗ ବରଷ ୪୩୨,୦୦୦ ବହୁତ ରାଜାରେ ଭୋଗ କଲେ । ପାପ ଆଚରି ଅଳପେ ନାଶ ଗଲେ । ପ୍ରଥମ ପାଟ କଳିଯୁଗକୁ ବାନ୍ଧି କୁଜେଷ୍ଠୀ ଦେବ ଭୋଗକଲେ ବ ୧୧୨ ।

ଏ ସ୍ୱଦେହ ଘେନି ସ୍ୱର୍ଗକୁ ଗଲେ । ଏହାଙ୍କ ନାତି ପରିକ୍ଷିତ ରାଜା ଭୋଗକଲେ ବ ୭୫୭ । ଏ ରାଜାଙ୍କୁ ବ୍ରାହ୍ମଣର ଶାପେ ତକ୍ଷକ ଦଂଶିଲା । ଏହାଙ୍କ ପୁଅ ଜନମେଜୟ ଭୋଗକଲେ ବ ୫୮୨ । ଏ ରାଜା ବାପାଙ୍କ ଛଳେ ସର୍ପଯଜ୍ଞ କଲେ । ତକ୍ଷକର ବହୁତ ବଂଶ ନାଶ କଲେ । ଏହାଙ୍କ ପୁଅ ସଙ୍କରଦେବ ଭୋଗକଲେ ବ ୪୮୦ । ଏହାଙ୍କ ପୁଅ ଗଉତମଦେବ ଭୋଗକଲେ ବ ୫୭୩ । ଏ ରାଜା ଗୋଦାବରୀ ତୀର୍ଥ କଲେ । ଏହାଙ୍କ ପୁଅ ମହୀନ୍ଦ୍ରଦେବ ଭୋଗକଲେ ବ ୨୧୫ । ଏ ରାଜା ରାଜମହୀନ୍ଦ୍ର ଗଡ଼ ବନ୍ଧାଇଲେ । ଏହାଙ୍କ ପୁଅ ସସୋକ ଦେବ ଭୋଗକଲେ ବ ୧୫୦ । ଏହାଙ୍କ ପୁଅ ସରସଂଖଦେବ ଭୋଗକଲେ ବ ୧୨୫ । ଏ ରାଜା ସରସଂଖିଆ ପୋଖରୀ ଖୋଳାଇଲେ । ଏହାଙ୍କ ପୁଅ ଭୋଜଦେବ ଭୋଗକଲେ ବ ୧୨୭ । ଏ ରାଜା ଜପାଏ ଚକ୍ରବର୍ତ୍ତୀ ମହାନାଟକ ଶ୍ଳୋକ କଲେ । ଗଛ କଟାଇ ନଈରେ ନାବ ଭିଆଇଲେ । ସେ ବୀରବିକ୍ରମାଜିତ ଭୋଗକଲେ ବ ୧୩୫ ଉସ । ଏ ରାଜାଙ୍କୁ ଅସୁବେତାଳ ସାହା ହୋଇଥାନ୍ତି । ସତେ ଯୋଜନ ନିତ୍ୟାନି ବୁଲନ୍ତି । କର୍ମାର୍ଜିତ ଭୋଗକଲେ ବ ୧୧୫ । ବଟୁକେସର ଭୋଗକଲେ ବ ୭୦ । ତ୍ରିଭୁବନଦେବ ଭୋଗକଲେ ବ ୬୩ । ଏ ରଜା କଲେ କଉଡ଼ି, ଗଣ୍ଡା, ବୋଡ଼ି, କାହାଣ । ଏହାଙ୍କ ପୁଅ ନିର୍ମଳ ଦେବ ଭୋଗକଲେ ବ ୭୦ । ଏହାଙ୍କ ପୁଅ ଭୀମଦେବ ଭୋଗକଲେ ବ ୬୫ । ଶୋଭନ ଦେବ ଭୋଗକଲେ ବ ୯୬ । ଏହି ମହାରାଜାଙ୍କ ଅ ୨ ଙ୍କେ ଦିଲିରୁ ରକ୍ତବାହୁ ଆସିବା ବାରତାକୁ ପରମେଶ୍ୱରଙ୍କୁ ସୁନୁପୁର ଗୋପଲୀ ଘେନିଗଲେ । ସେଠାରେ ମଣ୍ଡପ ଗୋଟିଏ କରି ବିଜେ କରାଇଲେ ବ ୪୫ । ଏଥିଉତ୍ତାରେ ମୁଗଲେ ପ୍ରବଳ ହୋଇଲାରୁ ସେବକେ ସେଠାରେ ପରମେଶ୍ୱରଙ୍କୁ ପାତାଳି କରି ଉପରେ ଗଛ ଲଗାଇ ରାଜ୍ୟ ଅନ୍ତର ହୋଇଗଲେ । ପାତିସାଙ୍କ ଅନୁରା ରକତବାହୁ ଶ୍ରୀପୁରୁଷୋତ୍ତମ ବୁଲି ଅଇଲା । ସମୁଦ୍ର ଥୋକାଏ ଦୂର ମାଡ଼ି ଅଇଲା । ଏ ରାଜା ଅନେକ ଯୁଦ୍ଧ କଲେ । ରହି ନପାରି ଝାଡ଼ଖଣ୍ଡ ଭିତରେ ରହିଲେ । ଏ ଭୋଗକଲେ ବ ୯୬ ।

ଶ୍ରୀ ଚନ୍ଦ୍ରକରଦେବ ଭୋଗକଲେ ବ ୧୩ ଉସ । ଏ ଉରାରୁ ହତପାତ ହୋଇ ମୁଗଲେ ଭୋଗକଲେ ବ ୩୫ । ରାଏ ପରମେଶ୍ୱର ପାତାଳି ହୋଇ ରହିଲେ ବ ୧୪୪ (୯୬+୧୩+୩୫) ରାଏ ସୋମବଂଶ ରାଜା ପାଟ ୧୮ରେ ଭୋଗକଲେ ବ ୩୭୮୩ । ଏହି ଦିନଠାରୁ ଦିଲିରେ ପାତିସା ହୋଇଲେ ।

## ଯଯାତି କେଶରୀ

ଏଠାରୁ କେଶରୀ ପାଟରାଜା ହୋଇଥିଲେ । ପ୍ରଥମ ପାଟ ଯଯାତି କେଶରୀ

ହୋଇଲେ । ଏ ରାଜା ବଡ଼ ଶୂରବନ୍ତ ମହାଦାନୀ । ଏ ମହାରାଜଙ୍କ ଅ ୧୧ ଙ୍କେ ସନ୍ନ୍ୟାସୀ ବ୍ରହ୍ମଚାରୀ ବ୍ରାହ୍ମଣମାନଙ୍କୁ ପଚାରିଲେ ଓଡ଼ିଶା ରାଜାର ପ୍ରଭୁ ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ ସେ କାହିଁ ଛନ୍ତି ? ସେମାନେ କହିଲେ ମୁଗଲ ଗୋଳ ହୋଇଲାକୁ ସୋମୋଦ୍ର ମାଡ଼ି ଅଇଲାକୁ ଅପାର ଦିନ ହୋଇଲା । ଶ୍ରୀ ପରମେଶ୍ୱରଙ୍କୁ ପାତାଳୀ କରି ସୁନୁପୁର ଆଡ଼େ କଉଁଠାରେ ବିଜେ କରାଇଲେ ଗାଁତବ ନାହିଁ । ଏହା ଶୁଣି ମହାରାଜା ସୁନୁପୁର ଗଲେ । ସେଠାରେ ଖଣ୍ଡାଇତଙ୍କୁ ପଚାରିଲେ । ସେମାନେ କହିଲେ ଆମ୍ଭେ ଗାଁତବ ନୋହୁ । ଆମ୍ଭ ବାପଅଜା କହନ୍ତି ଦିଅବର ଏହି । ଏଥିତଳେ ଦିଅଁଙ୍କୁ ପୋତିଥିଲେ । ଏହା ଶୁଣି ରାଜା କଟୁରିଆ ବ୍ରାହ୍ମଣଙ୍କୁ ଆଣି ସେ ଗଛ କଟାଇ ଖୋଳାଇଲେ । ପରମେଶ୍ୱରଙ୍କୁ ବାହାର କଲେ । ସେ ଦିନେ ଶ୍ରୀ ମୂର୍ତ୍ତିମାନ ମାଟିଖାଇ ଛିନ୍ନଭିନ୍ନ ହୋଇଛନ୍ତି । ଦେଅମାନଙ୍କୁ ଲୁଗା ଗୁଡ଼ିଆଇ ମୁଣାରେ ପୂରୋଇ ମୁଦାଇଲେ । ଏ ଉତାରୁ ଦଇତାପତିଙ୍କୁ ଲୋଡ଼ାଇଲେ । ଦଇତାମାନେ ବିରିବନ୍ଧରେ ଥିଲେ । ପତିମାନେ ରତନପୁର ସୀମାରେ ଥିଲେ । ଏମାନଙ୍କୁ ଅଣାଇ ବିଧିପତ୍ର ପ୍ରମାଣେ ଦାରୁ ଛେଦନ କରାଇ ପରମେଶ୍ୱରଙ୍କୁ ସୁମୂର୍ତ୍ତି କରାଇଲେ । ଏ ଘଟଣାବେଳେ ରାଜା ସେବକ ତାଟି ଭିତର କଲେ । ଗଛକଟା କଟୁରିଆ ବ୍ରାହ୍ମଣ ପାଞ୍ଚ ସେବା । ଏହାଙ୍କ ଗୋତ୍ର ବଛସ । ଜ ୫ ଶଙ୍କୁ ଜ ୧୦ ଣ । ପତିମାନଙ୍କର ଏଗାରହ ଜଣକୁ ଛଅ ଜଣ । ଦଇତାମାନଙ୍କର ଉଲୁକ ଗୋତ୍ର । ଜ ୮ ଶଙ୍କୁ ଜ ୮ ଣ ପରିଛା ଗାଏ ଚବିସ ଜଣ । ଶ୍ରୀ ପୁରୁସୋତମେ ସଙ୍ଖନାଭି ମଣ୍ଡଳେ ହା ୩୮ ତ କରି ପଟୋଳ ଗୋଟାଏ ତୋଳି ପ୍ରତିଷ୍ଠା କରି ପରମେଶ୍ୱରଙ୍କୁ ବିଜେ କରାଇଲେ । * ଏ ମହାରାଜାଙ୍କ ଅ ୧୩ ଙ୍କେ କକଡ଼ା ଦି ୨୫ ନେ ସିଂଘାସନେ ବିଜେ କରାଇଲେ । ଏହି ଅନୁକୂଳେ ଭୁବନେଶ୍ୱର ଦେଉଳକୁ ସୁଭ ଦେଲେ । ଏହି ରାଜା ଭୋଗକଲେ ବ ୫୭ ରସ ।

୨ୟ ପାଞ୍ଜି ମତେ- ଏ ଉତାରୁ ରାଜା ଦେଉଳ ଗୋଟିଏ ସୁଭକଲେ । ୩୮ ହାତ କରି ଦେଉଳ ଗୋଟିଏ କି ପ୍ରତିଷ୍ଠା କରି ପରମେଶ୍ୱରଙ୍କୁ ବିଜେ କରାଇଲେ । ଏ ମହାରାଜାଙ୍କ ଅ ୫୯ ଙ୍କେ ମେଷ ଦି ୨୫ ନେ ସିଂହାସନେ ବିଜେ କରାଇଲେ । ଏହି ଦିନେ ବିମଳାଙ୍କ ଦେଉଳ ହା ୧୮ ତ ମାପରେ ତୋଳାଇଲେ । ଏହି ମାପରେ ପରମ ଲକ୍ଷ୍ମୀଙ୍କ ଦେଉଳ ତୋଳାଇଲେ । ଏହି ଅନୁକୂଳେ ଭୁବନେଶ୍ୱରଙ୍କ ଦେଉଳ କୈଳାସ ଘଟଣା ଶୁଭ ଦେଲେ । ଏ ରାଜା ଭୋଗକଲେ ଅ ୮୪ ଙ୍କ କୁ ବ ୬୮ ରସ ।

୩ୟ ପାଞ୍ଜି ମତେ- ଏ ରାଜା ଭୋଗକଲେ ବ ୫୨ ରଷ- ଶ ୪୪୮ କାବ୍ଦ ପର୍ଯ୍ୟନ୍ତ ।

---

* ୩ୟ ପାଞ୍ଜି ମତେ- ବ୫୭ରଷ ଶକାବ୍ଦ ୫୦୫ ପର୍ଯ୍ୟନ୍ତ ।